# ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧକ୍ଷ/ଅଧକ୍ଷାଙ୍କ ପାଇଁ ଆଚରଣ ସଂହିତା ଓ ମାର୍ଗଦର୍ଶିକା

ଉଚ୍ଚଶିକ୍ଷା ବିଭାଗ

ଲୋକସେବା ଭବନ

ଭୁବନେଶ୍ୱର – ୭୫୧୦୦୧

## (କ) ଛାତ୍ରଛାତ୍ରୀମାନଙ୍କ ପାଇଁ ଆଚରଣ ସଂହିତା:

୧) ଶ୍ରେଣୀଗୃହରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ନିୟମିତ ଉପସ୍ଥିତି ଏକାନ୍ତ ଅପରିହାର୍ଯ୍ୟ। ଏଥିରେ କୌଣସି ପ୍ରକାରର ଅବହେଳା କିମ୍ବା ବ୍ୟତିକ୍ରମକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ଯଦି ଜଣେ ଛାତ୍ର କିମ୍ବା ଛାତ୍ରୀ ନିୟମିତ ଭାବେ ଶ୍ରେଣୀଗୃହରେ ଅନୁପସ୍ଥିତ ରୁହନ୍ତି, ତେବେ ଏହାକୁ ଏକ ଗମ୍ଭୀର ଶୃଙ୍ଖଳାଗତ ତ୍ରୁଟି ଭାବେ ବିବେଚନା କରାଯିବ। ଅନେକ ସମୟରେ ପିଲାମାନଙ୍କର ଏହି ଅନୁପସ୍ଥିତି ବିଷୟରେ ଅଭିଭାବକମାନେ ମଧ୍ୟ ଅବଗତ ନଥାନ୍ତି, ଯାହା ଅତ୍ୟନ୍ତ ଉଦବେଗଜନକ। ଏପରି କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଅନ୍ୟ କୌଣସି ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବାର ଜଣାପଡିଲେ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।

୨) ଉପରୋକ୍ତ ନିୟମ ସମ୍ପର୍କରେ ସମସ୍ତ ଛାତ୍ରଛାତ୍ରୀ ସ୍ପଷ୍ଟ ଭାବେ ଅବଗତ ରହିବା ଆବଶ୍ୟକ। ଶ୍ରେଣୀରେ ନିରନ୍ତର ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କ ବିରୁଦ୍ଧରେ ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କଠୋର ଦଣ୍ଡବିଧାନ କରିବେ। ଶିକ୍ଷାନୁଷ୍ଠାନ ଗୁଡିକର ଶୃଙ୍ଖଳା ରକ୍ଷା କ୍ଷେତ୍ରରେ କୌଣସି ପ୍ରକାରର କୋହଳ ମନୋଭାବ ପୋଷଣ କରାଯିବ ନାହିଁ।

୩) ଅନୁପସ୍ଥିତି କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ପୂର୍ବରୁ ଅନୁମତି ନେବା କିମ୍ବା ଅନୁପସ୍ଥିତିର ଯଥୋଚିତ ଓ ଯୁକ୍ତିସଙ୍ଗତ କାରଣ ଦର୍ଶାଇବା ଅନିବାର୍ଯ୍ୟ। ଯଦି କୌଣସି ଛାତ୍ରଛାତ୍ରୀ କ୍ରମାଗତ ଭାବେ ଅନୁପସ୍ଥିତ ରହନ୍ତି, ତେବେ ଶିକ୍ଷାନୁଷ୍ଠାନ ପକ୍ଷରୁ ସେମାନଙ୍କ ଅଭିଭାବକଙ୍କୁ ତୁରନ୍ତ ଅବଗତ କରାଯିବ।

୪) କୌଣସି ପୂର୍ବ ଅନୁମତି ବିନା ଶିକ୍ଷାନୁଷ୍ଠାନ ପରିସରରେ ଅନଧିକୃତ ଆନ୍ଦୋଳନ, ହରତାଳ କିମ୍ବା ସଭା ସମିତି କରିବା ନିଷେଧ। ଯଦି କୌଣସି ଛାତ୍ରଛାତ୍ରୀ ହିଂସାତ୍ମକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା ପ୍ରମାଣିତ ହୁଏ, ତେବେ ତୁରନ୍ତ ପୋଲିସକୁ ସୂଚନା ଦିଆଯିବା ସହ ଆଇନ ଅନୁସାରେ କଠୋର ପଦକ୍ଷେପ ଗ୍ରହଣ କରାଯିବ।

୫) ଶିକ୍ଷାନୁଷ୍ଠାନର ସମ୍ପତ୍ତି ନଷ୍ଟ କରୁଥିବା ଛାତ୍ରଛାତ୍ରୀମାନଙ୍କଠାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କ୍ଷତିପୂରଣ ଆଦାୟ କରାଯିବ। କ୍ଷତିପୂରଣ ଦେବାରେ ବିଫଳ ହେଲେ କିମ୍ବା ଗୁରୁତର ଅଶାନ୍ତି ସୃଷ୍ଟି କଲେ, ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନରୁ ସାମୟିକ କିମ୍ବା ସ୍ଥାୟୀ ଭାବେ ବହିଷ୍କାର କରାଯିବ।

୬) ଶିକ୍ଷାନୁଷ୍ଠାନ ପରିସରରେ ଅଶ୍ଳୀଳ ଇଙ୍ଗିତ କିମ୍ବା ଯୌନ ଉତ୍ପୀଡନ ସମ୍ପର୍କିତ କୌଣସି ଆଚରଣକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ଏପରି ଘଟଣା ସମ୍ପର୍କରେ ତୁରନ୍ତ 'ଆଭ୍ୟନ୍ତରୀଣ ଅଭିଯୋଗ କମିଟି' (IC) କୁ ଅବଗତ କରାଯିବ ଏବଂ କମିଟି ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୭) ପ୍ରତ୍ୟେକ ଶିକ୍ଷାବର୍ଷର ଆରମ୍ଭରେ ସମସ୍ତ ବିଭାଗ ଦ୍ୱାରା ଏକ 'ଛାତ୍ରଛାତ୍ରୀ ପରିଚୟ କାର୍ଯ୍ୟକ୍ରମ' ଆୟୋଜନ କରାଯିବ। ଏଥିରେ ଛାତ୍ରଛାତ୍ରୀମାନଙ୍କ ଆଚରଣ, ଶିଷ୍ଟାଚାର ଏବଂ "କରଣୀୟ ଓ ବର୍ଜନୀୟ

କାର୍ଯ୍ୟ" (Dos and Don'ts) ସମ୍ପର୍କରେ ସଚେତନ କରାଯିବ। ଏହି କାର୍ଯ୍ୟକ୍ରମରେ ଅଭିଭାବକମାନଙ୍କ ଅଂଶଗ୍ରହଣକୁ ମଧ୍ୟ ପ୍ରୋତ୍ସାହିତ କରାଯିବ।

୮) ଅଶ୍ଲୀଳ ଆଚରଣ କିମ୍ବା ଅପରାଧିକ କାର୍ଯ୍ୟକଳାପ ଜଣେ ଛାତ୍ର କିମ୍ବା ଛାତ୍ରୀଙ୍କ ର ଶିକ୍ଷା, ଭବିଷ୍ୟତ ଜୀବିକା ଓ ସାମାଜିକ ପ୍ରତିଷ୍ଠାକୁ କିଭଳି ନଷ୍ଟ କରିଦିଏ, ସେ ସମ୍ପର୍କରେ ସେମାନଙ୍କୁ ସମୟ ସମୟରେ ସଚେତନ କରାଯିବା ଉଚିତ।

୯) ଶିକ୍ଷାନୁଷ୍ଠାନ ପରିସର ଭିତରେ କିମ୍ବା ବାହାରେ (ଛାତ୍ରାବାସ ସମେତ) କୌଣସି ବି ପ୍ରକାରର ନିଶାଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ନିଷିଦ୍ଧ। ପ୍ରଥମ ଥର ପାଇଁ ସତର୍କ କରାଯିବ, କିନ୍ତୁ ଏହାର ପୁନରାବୃତ୍ତି ହେଲେ ଅଭିଭାବକଙ୍କୁ ଅବଗତ କରାଯାଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୧୦) ଗୋଷ୍ଠୀବାଦ, ଅନ୍ୟକୁ ଚିଡ଼ାଇବା, ଧମକ ଦେବା କିମ୍ବା ଛାତ୍ର ଉତ୍ପୀଡନ (Ragging) ଭଳି କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି। ଏପରି ସମସ୍ୟାର ତ୍ୱରିତ ସମାଧାନ ପାଇଁ ଶିକ୍ଷାନୁଷ୍ଠାନରେ ଏକ ସୁଦୃଢ଼ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟ କରିବ।

୧୧) ଛାତ୍ରାବାସ ଅଧିକ୍ଷକ କିମ୍ବା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଅଣଛାତ୍ର (ଆତ୍ମୀୟଙ୍କ ବ୍ୟତୀତ) କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ। ଏହା ଅସାମାଜିକ ବ୍ୟକ୍ତି ମାନଙ୍କ ଅନୁପ୍ରବେଶ ରୋକିବାରେ ସହାୟକ ହେବ।

୧୨) ଶିକ୍ଷାନୁଷ୍ଠାନ ପରିସରରେ ଶିଷ୍ଟାଚାର ଓ ସୁରକ୍ଷା ଦୃଷ୍ଟିରୁ ସମସ୍ତ ଛାତ୍ରଛାତ୍ରୀ ମାନେ ପରିଚୟ ପତ୍ର (ID Card) ପରିଧାନ କରିବା ବାଧ୍ୟତାମୂଳକ ଅଟେ ।

୧୩) ଜରୁରୀକାଳୀନ ଯୋଗାଯୋଗ ଓ ସୁରକ୍ଷା ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଅଭିଭାବକଙ୍କ ସଠିକ୍ ଦୂରଭାଷ (Phone) ନମ୍ବର ଶିକ୍ଷାନୁଷ୍ଠାନର ଡାଟାବେସରେ ପ୍ରଦାନ କରିବାକୁ ବାଧ୍ୟ।

## (ଖ) ଶିକ୍ଷକମାନଙ୍କ ପାଇଁ ଆଚରଣ ସଂହିତା:

୧) ଛାତ୍ରଛାତ୍ରୀମାନଙ୍କ ଜୀବନ ଗଠନରେ ଅଧ୍ୟାପକ/ ଅଧ୍ୟାପିକା ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ କେବଳ ଶିକ୍ଷାଦାନ କରନ୍ତି ନାହିଁ, ବରଂ ଜଣେ ବନ୍ଧୁ, ଦାର୍ଶନିକ ଓ ପଥପ୍ରଦର୍ଶକ ଭାବେ ସେମାନଙ୍କୁ ଉଚିତ ମାର୍ଗ ଦେଖାଇଥାନ୍ତି।

୨) ଭାରତୀୟ ପରମ୍ପରା ଓ ଆଧୁନିକ ଶିକ୍ଷା ପ୍ରଣାଳୀରେ ଗୁରୁ-ଶିଷ୍ୟ ସମ୍ପର୍କ ଅତ୍ୟନ୍ତ ପବିତ୍ର। ଯେକୌଣସି ପରିସ୍ଥିତିରେ ଏହି ସମ୍ପର୍କର ଗାରିମା ଓ ସମ୍ମାନ ଅତୁଟ ରଖିବା ପ୍ରତ୍ୟେକ ଅଧ୍ୟାପକ/ ଅଧ୍ୟାପିକା ମାନଙ୍କ ଦାୟିତ୍ୱ।

୩) ଅଧାପକ/ ଅଧାପିକା ମାନଙ୍କର ପ୍ରାଥମିକ କର୍ତ୍ତବ୍ୟ ହେଉଛି ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା। ଏହା ସହିତ ଛାତ୍ରଛାତ୍ରୀଙ୍କ ସହ ବ୍ୟକ୍ତିଗତ ସ୍ତରରେ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସମସ୍ୟା ବୁଝିବା ଓ ଆନ୍ତରିକତାର ସହ ସହଯୋଗ କରିବା ଆବଶ୍ୟକ।

୪) ଅଧାପକ/ ଅଧାପିକା ମାନେ ନିଜ ପଦବୀର ଦୁରୁପଯୋଗ କରି ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର, ଧମକ ଦେବା କିମ୍ବା ଯୌନ ଉତ୍ପୀଡନ ଭଳି ଅସାମାଜିକ କାର୍ଯ୍ୟ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ। ଛାତ୍ରଛାତ୍ରୀମାନଙ୍କ ଠାରୁ କୌଣସି ପ୍ରକାରର ଅନୁଚିତ ସୁବିଧା ଆଶା କରିବା ଏକ ଗମ୍ଭୀର ଅପରାଧ।

୫) ଯଦି କୌଣସି ଅଧାପକ/ ଅଧାପିକା ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବାର ଅଭିଯୋଗ ପ୍ରମାଣିତ ହୁଏ, ତେବେ ବିଶ୍ୱବିଦ୍ୟାଳୟ/ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ବିରୁଦ୍ଧରେ କଠୋର ଆଇନଗତ ଓ ଶୃଙ୍ଖଳାଗତ ପଦକ୍ଷେପ ଗ୍ରହଣ କରିବେ।

୬) ଯୌନ ଉତ୍ପୀଡନ ରୋକିବା ପାଇଁ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବ୍ୟତୀତ, ପ୍ରତ୍ୟେକ ଅନୁଷ୍ଠାନରେ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ବିବାଦର ସମାଧାନ ପାଇଁ ଏକ 'ବିବାଦ ସମାଧାନ କମିଟି' ରହିବା ଅନିବାର୍ଯ୍ୟ।

୭) ଅଧାପକ/ ଅଧାପିକା ମାନେ କୌଣସି ନିର୍ଦ୍ଦିଷ୍ଟ ଛାତ୍ର କିମ୍ବା ଗୋଷ୍ଠୀ ପ୍ରତି ପକ୍ଷପାତ କରିବା ଅନୁଚିତ। ସେମାନେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମାନ ଦୃଷ୍ଟିରେ ଦେଖିବା ଉଚିତ, କାରଣ ପକ୍ଷପାତ ଦ୍ୱାରା ଅନୁଷ୍ଠାନର ସୁନାମ କ୍ଷତିଗ୍ରସ୍ତ ହୁଏ।

୮) ଅନ୍ତରୀଣ ପରୀକ୍ଷା (Internal), ପ୍ରାୟୋଗିକ ପରୀକ୍ଷା କିମ୍ବା ଟର୍ମ ପେପରକୁ ଛାତ୍ରଛାତ୍ରୀଙ୍କୁ ଭୟଭୀତ କରିବାର ଅସ୍ତ୍ର ଭାବେ ବ୍ୟବହାର କରାଯାଇ ପାରିବ ନାହିଁ। ପ୍ରତ୍ୟେକ ଛାତ୍ରଙ୍କ ମୂଲ୍ୟାୟନ କେବଳ ସେମାନଙ୍କର ଯୋଗ୍ୟତା (Merit) ଆଧାରରେ ହେବା ବାଞ୍ଛନୀୟ।

୯) ଅଧାପକ/ ଅଧାପିକା ମାନଙ୍କ ଆଚରଣ ସର୍ବଦା ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଆବଶ୍ୟକ। କିଛି ମୁଷ୍ଟିମେୟ ଶିକ୍ଷକଙ୍କ ଭୁଲ ଯୋଗୁଁ ସମଗ୍ର ଶିକ୍ଷକ ସମାଜ ଓ ଅନୁଷ୍ଠାନର ସମ୍ମାନ ହ୍ରାସ ପାଇବା ଉଚିତ ନୁହେଁ।

୧୦) ଯଦି କୌଣସି ଅଧାପକ/ ଅଧାପିକା ମାନଙ୍କ ବିରୁଦ୍ଧରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରତିଶୋଧମୂଳକ ଭାବେ ମିଥ୍ୟା ଅଭିଯୋଗ ଅଣାଯାଏ, ତେବେ ସମ୍ପୃକ୍ତ ଶିକ୍ଷକ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ଉଚିତ।

୧୧) ଆଧୁନିକ ସମୟରେ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ସମ୍ବେଦନଶୀଳ। ଶାରୀରିକ ଦଣ୍ଡ କିମ୍ବା ସାର୍ବଜନୀନ ଅପମାନ ବଦଳରେ ସେମାନଙ୍କୁ ସୃଜନାତ୍ମକ ଶାସନ ଦ୍ୱାରା ସୁଧାରିବା ଉଚିତ। ଦଣ୍ଡର ଲକ୍ଷ୍ୟ ଅପମାନିତ କରିବା ନୁହେଁ, ବରଂ ତ୍ରୁଟି ସଂଶୋଧନ କରିବା ହେବା ଆବଶ୍ୟକ।

୧୨) କୌଣସି ଅଧ୍ୟାପକ/ ଅଧ୍ୟାପିକା କର୍ତ୍ତୃପକ୍ଷଙ୍କ ଦ୍ଵାରା ପ୍ରଦତ୍ତ କାର୍ଯ୍ୟକୁ ଅସ୍ୱୀକାର କରିପାରିବେ ନାହିଁ। ନିୟମାନୁସାରେ ଆବଶ୍ୟକ ଅନୁଯାୟୀ ଏକାଡେମିକ ଛୁଟି ନିଆଯାଇପାରେ, କିନ୍ତୁ ଏହା ଯେପରି ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ନକରେ ସେଥିପ୍ରତି ଧ୍ୟାନ ଦେବା ଉଚିତ।

୧୩) ଶ୍ରେଣୀ ଆରମ୍ଭ ପୂର୍ବରୁ ପାଠ୍ୟ ଖସଡା (Syllabus) ଓ ଶିକ୍ଷଣ ଯୋଜନା (Lesson Plan) ପ୍ରସ୍ତୁତ ରଖିବା ଆବଶ୍ୟକ। ତେବେ, ଅନୁଷ୍ଠାନର ମୁଖ୍ୟ, ସମୟ ସମୟରେ ଏହି ରେଜିଷ୍ଟାର ଗୁଡ଼ିକର ଯାଞ୍ଚ କରିବା ନିହାତି ଆବଶ୍ୟକ ଅଟେ।

୧୪) ଅଧ୍ୟାପକ/ ଅଧ୍ୟାପିକା ମାନେ ଶ୍ରେଣୀରେ ନିୟମିତ ଓ ସମୟାନୁବର୍ତ୍ତୀ ହେବା ସହ ଶିକ୍ଷାନୁଷ୍ଠାନର ସମସ୍ତ ନିୟମ ଓ ଶିଷ୍ଟାଚାରକୁ କଡ଼ାକଡ଼ି ଭାବେ ପାଳନ କରିବା ଅନିବାର୍ଯ୍ୟ।

୧୫) ଅଧ୍ୟାପକ/ ଅଧ୍ୟାପିକା ମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଜଣେ ପରାମର୍ଶଦାତା (Mentor) ଭାବେ କାର୍ଯ୍ୟ କରିବେ ଏବଂ ସେମାନଙ୍କର ଶୈକ୍ଷିକ ତଥା ମାନସିକ ଉନ୍ନତି ପାଇଁ ନିରନ୍ତର ଚେଷ୍ଟା ଜାରି ରଖିବେ ।

୧୬) ଶିକ୍ଷାଦାନର ମୂଳ ଲକ୍ଷ୍ୟ ନୈତିକତା ସହ ଜଡ଼ିତ ହେବା ଉଚିତ। ଛାତ୍ରଛାତ୍ରୀଙ୍କୁ ସଫଳ କରିବା ପାଇଁ ସେମାନଙ୍କୁ ବିଭିନ୍ନ ସୁଯୋଗ ବିଷୟରେ ଅବଗତ କରାଇବା ଓ ସହଯୋଗ କରିବା ଅଧ୍ୟାପକ/ ଅଧ୍ୟାପିକା ଙ୍କ ଧର୍ମ।

୧୭) ସମସ୍ତ ସରକାରୀ ଓ ଅଫିସିଆଲ୍ ଯୋଗାଯୋଗ ପାଇଁ ଅଧ୍ୟାପକ/ ଅଧ୍ୟାପିକା ମାନେ ଅନୁଷ୍ଠାନ ଦ୍ଵାରା ପ୍ରଦତ୍ତ ଇମେଲ୍ (Official Email ID) ବ୍ୟବହାର କରିବା ଉଚିତ।

୧୮) ଯଦି କ୍ୟାମ୍ପସରେ ଛାତ୍ର ଅଶାନ୍ତି କିମ୍ବା ମେଳି ଦେଖାଦିଏ, ତେବେ ଅଧ୍ୟାପକ/ ଅଧ୍ୟାପିକା ମାନେ ସତର୍କ ରହିବା ସହ ତୁରନ୍ତ ଅଧକ୍ଷଙ୍କୁ ଅବଗତ କରାଇବା ଆବଶ୍ୟକ।

ଯୁଗ୍ମ ଶାସନ ସଚିବ
ଉଚ୍ଚଶିକ୍ଷା ବିଭାଗ